# Akashvani, Sambalpur

## SAMBALPURI NEWS EVENING BULLETIN

## 1 August 2026-7.02- 7.12 pm.

---

୧- ବିକଶିତ ଭାରତ୍ ସଂକଳ୍ପ ଅଭିଯାନ୍ ଲାଗି ନିଶାମୁକ୍ତ ଯୁବବର୍ଗ କାର୍ଯ୍ୟକ୍ରମ୍‌କେ ଆଏବା କାଏଲ୍ ସମ୍ବୋଧନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ଆକାଶ୍ ମାର୍ଗ ନୁ ବନ୍ୟା ପ୍ରଭାବିତ୍ ଇଲାକାର୍ ଥିତି ଅନୁଧ୍ୟାନ୍ କଲେ ମୁଖ୍ୟମନ୍ତ୍ରୀ ।

- ବଏଢ଼୍ ପାଏନ୍ ଛାଡ଼୍‌ବାର୍ ୭୨ ଘଂଟା ଭିତ୍‌ରେ କ୍ଷୟକ୍ଷତିର୍ ରିପୋର୍ଟ ଦେବାର୍‌କେ ଜିଲ୍ଲାପାଳ୍‌ମାନ୍‌କୁ ଦେଲେ ନିର୍ଦ୍ଦେଶ୍ ।

- ବନ୍ୟା ସହାୟତା ଲାଗି ଏସ୍.ଡି.ଆର୍.ଏଫ୍.ର କେନ୍ଦ୍ରୀୟ ଅଂଶ ବାବ୍‌ଦେ ଓଡ଼ିଶାକେ ୫ ଶହ କୋଟି ଟଙ୍କା ମଞ୍ଜୁର୍ କଲେ କେନ୍ଦ୍ର ସର୍‌କାର୍ ।

ଆଉର୍

୩- ଗୁରୁ ସତ୍ୟନାରାୟଣ୍ ବହିଦାର୍ଙ୍କର୍ ଜନମ୍ ଦିନ୍କେ ସୁର୍ତା କରିକରି ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ପାଳନ୍ କରାଯାଉଛେ ସମ୍ବଲ୍ପୁରୀ ଦିନ୍ ।

ନିଶାମୁକ୍ତ ଯୁବବର୍ଗ କାର୍ଯ୍ୟକ୍ରମ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ବିକଶିତ୍ ଭାରତ୍ ସଂକଳ୍ପ ଅଭିଯାନ୍ ଲାଗି ନିଶାମୁକ୍ତ ଯୁବବର୍ଗ କାର୍ଯ୍ୟକ୍ରମ୍କେ ଆଭାସୀ ଜରିଏ ସମ୍ବୋଧନ୍ କର୍ବେ । ଇ ଆଭାସୀ ଆଲୋଚନା ଦେଶର୍ ପାଖାପାଖ୍ି ୧୦ ହଜାର୍ ଜାଗାକେ ସଂଯୋଗ୍ କର୍ବା ବଲି ଜନାପଡ଼ିଛେ । ଇଥି୍ ୧ କୋଟିନୁ ଅଏତ୍କା ମାଇ ଭାରତ୍ ସ୍ୱେଚ୍ଛାସେବକ୍ ଯୁବ କ୍ଲବ୍, ସ୍କୁଲ୍, କଲେଜ୍, ବିଶ୍ୱବିଦ୍ୟାଳୟ ଛାତ୍ର, ଏନ୍ଜିଓର ପ୍ରତିନିଧି୍, ଶିଳ୍ପ ସଂଘର୍ ଯୁବ ଶାଖା ଆଉ ଶହେ ୨୫ ନୁ ଅଏତ୍କା ସହଯୋଗୀ ସଂଗଠନ୍ର ସଦସ୍ୟମାନ୍କୁ ଏକତ୍ରିତ୍ କରାଯିବା । ଇ ଅଭିଯାନ୍ ଆଏବା ୧୪ ତାରିଖ୍ ଦିନ ନୂଆଦିଲ୍ଲୀ ନ ହେବାର୍କେ ଥି୍ବା ଜାତୀୟ ନିଶାମୁକ୍ତି ଯୁବ ସମ୍ମିଳନୀ ସାଙ୍ଗେ ଶେଷ୍ ହେବା । ଯେନ୍ଠାନେ ସାରା ଦେଶର୍ ଉତ୍କୃଷ୍ଟ ପ୍ରଦର୍ଶନ୍କାରୀମାନ୍କୁ

ନିଶାମୁକ୍ତ ଭାରତ୍‌ର ଦୃଷ୍ଟିକୋଣକେ ପ୍ରୋତ୍ସାହିତ୍ କର୍‌ବା ଆଉ ନିଶାମୁକ୍ତି ଭାରତ୍ ଲାଗି ସଚେତନ୍ କର୍‌ବାର୍‌ଥି ସେମାନ୍‌କର୍ ଅବଦାନ୍ ଲାଗି ସ୍ୱିକୃତି ଦିଆଯିବା ।

ବନ୍ୟା-୧ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଆକାଶ୍ ମାର୍ଗ ନୁ ବନ୍ୟା ପ୍ରଭାବିତ୍ ଇଲାକାର୍ ଥିତି ଅନୁଧାନ୍ କରିଛନ୍ । ଅନୁଧାନ୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ କହିଛନ୍, ବନ୍ୟା ଉତ୍‌ରର୍ ସ୍ଥିତିର୍ ମୁକାବିଲା ଲାଗି ସର୍‌କାର୍ ପୁରା ପ୍ରସ୍ତୁତ୍ ଅଛନ୍ । ବନ୍ୟାଥି ୮ ଲାଖ୍ ଲୋକ୍ ପ୍ରଭାବିତ୍ ହେଇଥିବାର୍ ବେଲେ ୨ ଲାଖ୍ ୬୯ ହଜାର୍ ଲୁକ୍‌କୁ ନିରାପଦ୍ ଜାଗାକେ ସ୍ଥାନାନ୍ତର୍ କରାଯାଇଛେ । ୧୭ଟି ଓଡ୍ରାଫ, ୭ଟି ଏନ୍.ଡି.ଆର୍.ଏଫ୍, ୧୨୯ଟି ଅଗ୍ନିଶମ ବାହିନୀ ଉଦ୍ଧାର୍ କାମ୍‌ଥି ଲାଗିଛନ୍ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି-ଏସ୍.ଡି.ଆର୍.ଏଫ୍. ତର୍‌ଫୁ ୨୬ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ । ନଦୀ ନ ପାଏନ୍ କମ୍‌ବାର୍ ମୁଲ୍ ହେଇଛେ । ପାଏନ୍ ଛାଡ୍‌ବାର୍ ୩ ଦିନ୍ ଭିତ୍‌ରେ ନୁକ୍‌ସାନ୍‌ର ଆକଲନ୍ ରିପୋର୍ଟ

ଦେବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ବନ୍ୟା ପ୍ରଭାବିତ ଇଲାକା ନ ଲୁକ୍‌କର୍ ଧନଜୀବନ୍ ସୁରକ୍ଷା ଲାଗି ଉଦ୍ଧାର୍ ଆଉ ସାହାଜ୍ କାମ୍‌କେ ତୁର୍‌ତି କରାଯାଉଛେ । ପ୍ରଭାବିତ ଇଲାକାର୍ ଲୁକ୍‌କୁ ସତର୍କ ଆଉ ସୁରକ୍ଷିତ ରଖିବାର୍ ସହେତେ ପ୍ରଶାସନ୍‌ର ନିର୍ଦ୍ଦେଶାବଲୀ ପାଲନ୍ କର୍‌ବାର୍‌କେ ଶ୍ରୀ ମାଝୀ ଅନୁରୋଧ୍ କରିଛନ୍ । ବଏଡ୍ ପାଏନ୍ ଛାଡ଼୍‌ବାର୍ ୭୨ ଘଂଟା ଭିତ୍‌ରେ କ୍ଷୟକ୍ଷତିର୍ ଆକଲନ୍ କରିକରି ପ୍ରଭାବିତ୍ ଇଲାକାର୍ ଜିଲ୍ଲାପାଲ୍‌ମାନ୍‌କୁ ରିପୋର୍ଟ ଦେବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଆକାଶ୍‌ମାର୍ଗନୁ ୫ ଟା ଜିଲ୍ଲାର୍ ୧୨ ଟା ବ୍ଲକ୍‌ର ସ୍ଥିତି ଅନୁଧ୍ୟାନ୍ କରିଥିଲେ । ତାଙ୍କର୍ ସାଙ୍ଗେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଉ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଉପସ୍ଥିତ୍ ଥିଲେ ।

ସେଆଡ଼େ ପ୍ରଭାବିତ୍ ଇଲାକା ନ ଶୁଖା ଖାଏବାର୍ ଦରବ୍ ବଂଟାଯାଉଛେ । ସବୁ ଜିଲ୍ଲା ନ ଚାଉଲ୍ ମହଜୁଦ୍ ରହିଛେ । ଚାଉଲ୍

ବାଂଟ୍‌ବାର୍‌ଥି କେନ୍‌ସି ସମସ୍ୟା ନାଇଁନ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ ।

ବନ୍ୟା ଲାଗି ଭିନ୍ ଭିନ୍ ଜାଗା ନ ମାଟି ଘର୍ ନୁକ୍‌ସାନ୍ ହେଇଛେ । ପଂଚାୟତିରାଜ୍ ବିଭାଗ୍‌ର ଅଧିକାରୀଙ୍କୁ ତୃଣମୂଲ୍‌ସ୍ତରକେ ଯାଇକରି ଘଟ୍‌ନାର୍ ଅନୁଧ୍ୟାନ୍ କର୍‌ବାର୍‌କେ ବିଭାଗୀୟ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ନିର୍ଦ୍ଦେଶ୍ ଦେଇଛନ୍ । ୩ ଦିନ୍ ଭିତ୍‌ରେ ନୁକ୍‌ସାନ୍ ରିପୋର୍ଟ ଦେବାର୍‌କେ ମନ୍ତ୍ରୀ ଶ୍ରୀ ନାଏକ୍ ବିଭାଗୀୟ ଅଧିକାରୀମାନ୍‌କୁ କହିଛନ୍ ।

ବଏଡ୍‌ଥି ୯ ଟା ଜିଲ୍ଲାର୍ ୪ ଲାଖ୍ ୮୮ ହଜାର୍ ଗୃହପାଲିତ୍ ପଶୁ ପ୍ରଭାବିତ୍ ହେଇଛେ ବଲି ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିଭାଗ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ । ୨ ଶହ ୪୫ ଟା ଜାଗା ନ ୫୮ ଟା ଭେଟନାରୀ ଟିମ୍ ଲାଗିଛନ୍ । ୧୫ ହଜାର୍ ପଶୁଙ୍କୁ ଚିକିତ୍ସା ସହେତେ ୨ ଶହ ୬୩ ମେଟ୍ରିକ୍ ଟନ୍ ଖାଦ୍ୟ ଯୁଗେଇ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଞ୍ଜ୍‌ର ୬ ବଜେତକ୍ ୬ ଶହ ୨୫ ଦଶ୍‌ମିକ୍ ୨/୧ ଫୁଟ୍ ରହିଥିଲା । ଇହାଦେ ୨୨ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌ନୁ ୩ ଲାଖ୍ ୫୩ ହଜାର୍ ୬ ଶହ ୭୨ ଘନଫୁଟ୍

ପାଏନ୍ ଛଡ଼ାଯାଉଥିବାର୍ ବେଲେ ୨ ଲାଖ୍ ୮୪ ହଜାର୍ ୭ ଶହ ୭୩ ଘନଫୁଟ୍ ପାଏନ୍ ଆସୁଛେ ।

ଏସ୍.ଡି.ଆର୍.ଏଫ୍. - ଓଡ଼ିଶା    ପି.ଆଇ.ବି.

କେନ୍ଦ୍ର ଗୃହ ଆଉ ସମବାୟ ମନ୍ତ୍ରୀ ଅମିତ୍ ଶାହା ବନ୍ୟା ପ୍ରଭାବିତ୍ ରାଜ୍ୟମାନ୍‌କର୍ ସହାୟତା ଲାଗି ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି- ଏସ୍.ଡି.ଆର୍.ଏଫ୍.ର କେନ୍ଦ୍ରୀୟ ଅଂଶ ବାବ୍‌ଦେ ୨ ହଜାର୍ ଶହେ ୧୭ କୋଟି ୮୫ ଲାଖ୍ ଟଙ୍କା ଆଗୁଆ ଦେବାର୍‌କେ ଅନୁମୋଦନ୍ କରିଛନ୍ । ୭ ଟା ପ୍ରଭାବିତ୍ ରାଜ୍ୟମାନ୍‌କର୍ ଭିତ୍‌ରୁ ଓଡ଼ିଶାକେ ୨ ନମ୍ବର୍ କିସ୍ତି ବାବ୍‌ଦେ ୫ ଶହ କୋଟି ଟଙ୍କା ଆଗୁଆ ଦେବାର୍‌କେ ମଞ୍ଜୁର୍ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଓଡ଼ିଶା ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ଏସ୍.ଡି.ଆର୍.ଏଫ୍.ର ପହେଲା କିସ୍ତି ଆଘୋନୁ ପାଇସାରିଛେ ।

ରାଜ୍ୟ କେବିନେଟ    ଆଇ.ଆଣ୍ଡ୍.ପି.ଆର୍/

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର ଅଧ୍ୟକ୍ଷତାଥି ଭୁବନେଶ୍ୱର୍ ନ ରାଜ୍ୟ କେବିନେଟ୍‌ର ବୈଠକ୍ ଚାଲିଛେ । ବୈଠକ୍‌ଥି ଭିନ୍ ଭିନ୍ ବିଭାଗ୍‌ର ବହୁତ୍‌ଟେ ପ୍ରସ୍ତାବ୍‌କେ ମଞ୍ଜୁରୀ ମିଲ୍‌ବା ବଲି ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଠାନେ ଆଏବା ସୋମ୍‌ବାର୍ ୩ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ଥିବାର୍‌ନୁ ଶୁଣାଣି ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସମ୍ବଲପୁରୀ ଦିନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁରୀ ଭାଷା ସାହିତ୍ୟର୍ ଅନନ୍ୟ କବି ଗୁରୁ ସତ୍ୟନାରାୟଣ୍ ବହିଦାର୍‌ଙ୍କର୍ ଜୟନ୍ତୀ ଆଉ ସମ୍ବଲ୍‌ପୁରୀ ଦିନ୍ ଆଏଜ୍ ପାଲନ୍ କରାଯାଉଛେ । ସମ୍ବଲ୍‌ପୁରୀ ଭାଷା, ସାହିତ୍ୟ ଆଉ ସଂସ୍କୃତିକେ ବିଶ୍ୱ ଦର୍‌ବାର୍ ନ ପୁହଁଚାବାର୍‌ଥି କବି ଶ୍ରୀ ବହିଦାର୍‌ଙ୍କର୍ ଅବଦାନ୍ ସବୁ ଦିନ୍ ସୋର୍ ରହେବା । ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ସହେତେ ସମ୍ବଲ୍‌ପୁର୍ କଚ୍‌ରୀ ଛକ୍, ଗଙ୍ଗାଧର୍ ମଣ୍ଡପ୍ ନ ସମ୍ବଲ୍‌ପୁରୀ ଦିନ୍ ପାଲନ୍ ଲାଗି ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇକରି କହିଛନ୍, ସମ୍ବଲ୍‌ପୁରୀ ଭାଷା, ସଂସ୍କୃତି, ଲୋକକଲା, ଲୋକଗୀତ, ନୃତ୍ୟ, ହସ୍ତତନ୍ତ ବୁଣାକାମ୍ ଆର୍ ପରମ୍ପରା ରାଜ୍ୟର୍ ଗୌରବ୍ ଆଉ ପରିଚୟ । ପିଢ଼ି ଉତ୍‌ରୁ ପିଢ଼ି ଇ ସମୃଦ୍ଧ ଐତିହ୍ୟ ସମ୍‌କୁ ଏକତାର୍ ସୂତ୍ର ନ ବାନ୍ଧି ରଖିକରି ପୁର୍‌ଥି ନ ଓଡ଼ିଶାର୍ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛେ ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରମୁଖ ସମ୍ବଲପୁରୀ ଦିନ୍‌ର ଶୁଭେଚ୍ଛା ଜନେଇଛନ୍ ।

ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଶୁଭେଚ୍ଛା ଜନେଇକରି କହିଛନ୍,
(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଆଇ.ଟି.ଇ.ପି.  ଆଇ.ଆଣ୍ଡ୍.ପି.ଆର୍

ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ୭ ଟା ବିଶ୍ୱବିଦ୍ୟାଳୟ ଆଉ ୮ ଟା ସର୍‌କାରୀ ମହାବିଦ୍ୟାଳୟ ନ ୨୦୨୬-୨୭ ଶିକ୍ଷା ବଛର୍ ଲାଗି ଇଂଟିଗ୍ରେଟେଡ୍ ଟିଚର୍ ଏଜୁକେସନ୍ ପ୍ରୋଗ୍ରାମ୍ ପାଠ୍ୟକ୍ରମ୍‌ର ପହେଲା ବଛର୍ ପାଠ୍‌ପଢ଼ା ଆଏଜ୍‌ଠାନୁ ମୁଲ୍ ହେଇଛେ । ଆଭାସୀ ଜରିଏ ଆଏଜ୍ ହେଇଥିବା ବୈଠକ୍‌ଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସବୁ ଛାତ୍ରଛାତ୍ରୀମାନ୍‌କୁ ଶୁଭେଚ୍ଛା ଆଉ ଅଭିନନ୍ଦନ୍ ଜନେଇଛନ୍ । ରାଏଜେ ଉଚ୍ଚଶିକ୍ଷା କ୍ଷେତ୍ର ନ ଜାତୀୟ ଶିକ୍ଷାନୀତି -୨୦୨୦ ପ୍ରଣୟନ୍ ହେବାର୍ ଉତ୍‌ରୁ ଇଂଟିଗ୍ରେଟେଡ୍ ଏଜୁକେସନ୍ ପ୍ରୋଗ୍ରାମ୍ ପାଠ୍ୟକ୍ରମ୍ ମୁଲ୍ କରାଯାଇଛେ ।

ଦେବ୍‌ଗଡ଼୍ ଜିଲ୍ଲାପାଲ ବୈଠକ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଏକଲବ୍ୟ ଆଦର୍ଶ ଆବାସିକ୍ ବିଦ୍ୟାଲୟର ଜିଲ୍ଲାସ୍ତରୀୟ ନିର୍ମାଣ୍ କମିଟି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ କବିନ୍ଦ୍ର କୁମାର୍ ସାହୁ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ଛାତ୍ରାବାସ, ଛାତ୍ରୀନିବାସ୍, ସବୁଦିନିଆ ଖେଲ୍‌ପଡ଼ିଆ ତିଆରିକେ ତୁର୍‌ତି କର୍‌ବାର୍ ଲାଗି ପରାମର୍ଶ ଦେଇଥିଲେ । ବିଦ୍ୟାଲୟର୍ ସବୁ ନିର୍ମାଣାଧୀନ୍ କାମ୍ ଅଗଷ୍ଟ ୧୫ ତାରିଖ୍‌ତକ୍ ସାର୍‌ବାର୍‌କେ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଥିଲେ ।

ଜିଲ୍ଲା ରଣନୀତି କାର୍ଯ୍ୟସୂଚୀ-ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ ସଦ୍‌ଭାବନା ସଭାଗୃହ ନ ଜିଲ୍ଲା ରଣନୀତି କାର୍ଯ୍ୟସୂଚୀ-୨୦୨୬ ଶୀର୍ଷକ୍ ଗୁଟେ ବୈଠକ୍ ହେଇଯାଇଛେ । ଇଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ବାଲ୍ୟବିବାହର୍ ପୁରା ନିରାକରଣ୍ ଆଉ ଭିନ୍ ଭିନ୍ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି ଜିଲ୍ଲାନୁ କେନ୍ତା

ବାଲ୍ୟବିବାହକେ ଲୋପ୍ କରାଯିବା ତାର୍ ଉପ୍‌ରେ ଜୋର୍ ଦେଇଥିଲେ ।

ବିଶ୍ୱ ସ୍ତନ୍ୟପାନ ଦିବସ          ଆର୍‌ଏନ୍‌ୟୁ/କଟକ୍

ରାଏଜେ ଆଏଜ୍‌ଠାନୁ ୭ ତାରିଖ୍ ତକ୍ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଲନ୍ କରାଯାଉଛେ । ସ୍ତନ୍ୟପାନକେ ପ୍ରାଥମିକତା ଦେବାର୍ ସହେତେ ଇ ବାବ୍‌ଦେ ପ୍ରତିବନ୍ଧକ୍‌ମାନ୍‌କୁ ଦୂର୍ କର୍‌ବାର୍ ଆଉ ସ୍ତନ୍ୟପାନ୍‌କେ ପ୍ରୋତ୍ସାହିତ୍ କର୍‌ବାର୍ ଇ ଦିବସ୍ ପାଲନ୍‌ର ମୁଖ୍ୟ ଉଦ୍ଦେଶ୍ୟ ।

ଛୁଆମାନ୍‌କର୍ ଶାରୀରିକ୍ ବୃଦ୍ଧି ସହେତେ ବୁଦ୍ଧିମତା ବଢ଼ାବାର୍‌ଥି ମା'ର ଗୁରସ୍‌ର ପ୍ରମୁଖ ଭୂମିକା ରହିଥିସି । ଜନମ୍ ହେବାର୍ ଘଂଟେ ଭିତ୍‌ରେ ଛୁଆକେ ମା'ର୍ ଗୁରସ୍ ଦେବାର୍ ଲାଗି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ । ଜନମ୍‌ନୁ ୬ ମାସ୍ ତକ୍ ଛୁଆକେ ଖାଲି ମା'ର ଗୁରସ୍ ଆଉ ୬ ମାସ୍‌ନୁ ୨ ବଛର୍ ତକ୍ ମା'ର୍ ଗୁରସ୍ ସାଙ୍ଗେ ପରିପୂରକ ଖାଦ୍ୟ ଦିଆଗଲେ ଛୁଆର୍ ଶାରିରୀକ ଆଉ ମାନସିକ ଅଭିବୃଦ୍ଧି ହେସି ।

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ ଇ ଦିବସ୍ ଅବ୍‌ସରେ କହିଛନ୍, ଛୁଆର୍ ସୁସ୍ଥ ଜୀବନ୍‌ର ଶୁଭାରମ୍ଭ, ମା'ର ସ୍ନେହ ଆଉ ସ୍ତନ୍ୟପାନନୁ ହେଇଥିସି । ସ୍ତନ୍ୟପାନକେ ପ୍ରୋତ୍ସାହନ୍ ଦେଇକରି ସୁସ୍ଥ, ସଶକ୍ତ, ଭବିଷ୍ୟତ୍ ଗଢ଼୍‌ବାର୍‌କେ ସେ ପରାମର୍ଶ ଦେଇଛନ୍ ।

ସେନ୍ତା ଫୁସ୍‌ଫୁସ୍ କେନ୍‌ସର୍ ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଏଜ୍ ଫୁସ୍‌ଫୁସ୍ କେନ୍‌ସର୍ ଦିବସ୍ ଭିଲ୍ ପାଲନ୍ କରାଯାଉଛେ ।

ପୌରାଂଚଲ୍ ଇଞ୍ଜିନିୟର୍ ତାଲିମ୍ ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ଓଡ଼ିଶା ଅର୍ବାନ୍ ଏକାଡେମୀ ଠାନେ ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତରଫୁ ରାଜ୍ୟର୍ ୨୫ ଟା ପୌରାଂଚଲ୍‌ର ପାଖାପାଖି ୬୦ ଝନ୍ ସିଟି ଇଞ୍ଜିନିୟର୍, ଟାଉନ୍ ପ୍ଲାନର୍ ଆଉ କନ୍‌ସଲ୍‌ଟାଂଟ୍ ମାନ୍‌କର୍ ୨ ଦିନିଆ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଇ କାର୍ଯ୍ୟକ୍ରମ୍‌ଥି ପ୍ରକଳ୍ପ ଯୋଜ୍‌ନା ଇଞ୍ଜିନିୟରିଂର ଶ୍ରେଷ୍ଠ କାର୍ଯ୍ୟପନ୍ଥା, ଗୁଣବତା ନିଶ୍ଚିତ୍‌କରଣ୍, ଚୁକ୍ତିନାମା ପରିଚାଳନା, ପ୍ରକଳ୍ପ ଅନୁଧ୍ୟାନ୍

ଆଉ ସମୟସୀମା ଭିତ୍‌ରେ ସହରୀ ଭିତିଭୂମି କାମ୍ ସାର୍‌ବାର୍ ବାବ୍‌ଦେ ବୈଷୟିକ୍ ଆଲୋଚନାଚକ୍ର ସାମିଲ୍ ରହିଛେ ।